# କୋଭିଡ ଯୋଦ୍ଧାଙ୍କୁ ସହାୟତା ପ୍ରଦାନ ।

ସମ୍ପ୍ରତି  କରୋନା ସଂକ୍ରମଣ  ସମୟରେ ଆକ୍ରାନ୍ତମାନଂକୁ ଚିକିତ୍ସା ସେବା ଯୋଗାଇ ଦେଇ ନିଜ ଜୀବନକୁ  ଉତ୍ସର୍ଗ କରିଥିବା ୨ ଜଣ କରୋନା ଯୋଦ୍ଧାଂକୁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ୫୦ ଲକ୍ଷ ଟଂକା ଲେଖାଏଁ କୋଭିଡ ସହାୟତା ରାଶି ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦିବଂଗତ  କୋଭିଡ ଯୋଦ୍ଧା  ଡା. ଶ୍ୟାମ ପ୍ରକାଶ ଦାସଙ୍କ ଧର୍ମପତ୍ନୀ ନିବେଦିତା ଦାସ ଏବଂ ସୁବାସ ଚନ୍ଦ୍ର ବେହୋରା (ଏମ୍ ପି ଏଚ୍ ଏସ୍-ପୁରୁଷ)ଙ୍କ ଧର୍ମପତ୍ନୀ  ପାର୍ବତୀ ସାହୁଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ  କରିବା ସହ ସେମାନଂକ ପରିବାରକୁ ସମବେଦନା ଜଣାଇଛନ୍ତି । ଏହି ସହାୟତା  ପ୍ରଦାନ ସମୟରେ  ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି  ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ  ଉପସ୍ଥିତ ଥିଲେ ।




ଜିଲ୍ଲାପାଳ • ଅନୁଗୋଳ